# Akashvani, Sambalpur

## SAMBALPURI NEWS BULLETIN

### 28 March 2024- 6.47- 6.52 am.

*********************************************

ଲୋକ୍‌ସଭା ନିର୍ବାଚନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍‌ର ୨ ନମ୍ବର୍ ଖେପ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାର୍‌ବା । ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆର୍ ଆଉଟର୍ ମଣିପୁର୍ ଆସନ୍ ସହେତେ ୮୮ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । କେରଳର ୨୦ ଟା ଆସନ୍, କର୍ଣ୍ଣାଟକ୍‌ର ୧୪ ଟା, ରାଜସ୍ଥାନ୍‌ର ୧୩ ଟା, ଉତର୍‌ପ୍ରଦେଶ୍ ଆଉ ମହାରାଷ୍ଟ୍ରର ୮ ଟା ଲେଖା, ମଧ୍ୟପ୍ରଦେଶ୍‌ର ୭ ଟା, ଆସାମ୍, ବିହାର୍‌ର ୫ ଟା ଲେଖା, ପଶ୍ଚିମବଙ୍ଗ୍, ଛତିଶ୍‌ଗଡ୍ ର ୩ ଟା ଲେଖା ଆଉ ମଣିପୁର୍, ତ୍ରିପୁରା ଆଉ ଜାମ୍ମୁ କାଶ୍ମୀର୍‌ର ଗୁଟେ ଲେଖା ଆସନ୍ ନ ଭୋଟ୍ ହେବା ।

ଇଥିର୍‌ଲାଗି ଆଏବା ମାସ ୪ ତାରିଖ୍‌ତକ୍ ନାମାଙ୍କନ୍ ପତ୍ର ଦାଖଲ୍ କରାଯିବା । ଜାମ୍ମୁ-କାଶ୍ମୀର୍ ନ ୬ ତାରିଖ୍ ଦିନ ଆଉ ବାକି ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍ ନ ଏପ୍ରିଲ୍ ୫ ତାରିଖ୍ ଦିନ ନାମାଙ୍କନ

ପତ୍ର ଯାଂଚ୍ କରାଯିବା । ଇ ସବୁ ଆସନ୍ ନ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କର୍ବାର୍ ଶେଷ୍ ଦିନ୍ ଏପ୍ରିଲ୍ ୮ ତାରିଖ୍ ରହିଛେ । ଇତାର୍‌ଉତ୍‌ରୁ ଏପ୍ରିଲ୍ ୨୬ ତାରିଖ୍ ଦିନ ଭୋଟ୍ ହେବା ବଲି ସୂଚ୍‌ନା ମିଲିଛେ ।

ଲୋକ୍‌ସଭା ନିର୍ବାଚନ୍-୧ ଆର୍‌ଏନ୍‌ୟୁ / ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍‌ର ପହେଲା ଖେପ୍ ମତଦାନ୍ ଲାଗି ଗଲାକାଏଲ୍ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଶେଷ୍ ହେଇଛେ । ବିଜ୍ଞପ୍ତି ଜାରି ହେବାର୍ ସହେତେ ଗଲା ୨୦ ତାରିଖ୍‌ନୁ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଥିଲା । ନିର୍ବାଚନ୍ କମିଶନ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ନାମାଙ୍କନ୍ ପତ୍ର ଯାଂଚ୍ କରାଯିବା ଆର୍ ଆଏବା ଶନିବାର୍ ୩୦ ତାରିକ୍‌ତକ୍ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ କରାଯାଇପାର୍‌ବା । ପହେଲା ଖେପେ ଆଏବା ଏପ୍ରିଲ୍ ୧୯ ତାରିଖ୍‌ନୁ ୨୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଶହେ ୨ ଟା ଆସନ୍‌ଥି ଭୋଟ୍ ନିଆଯିବା । ହେଲେ ବିହାର୍ ନ ଉତ୍ସବ୍‌କେ ନଜର୍‌ଥି ରଖିକରି ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ତାରିଖ୍ ଆଏଜ୍ ହେଇଥିବାର୍ ବେଲେ ୩୦

ତାରିକ୍ ଦିନ ଯାଂଚ୍ ଆଉ ପ୍ରତ୍ୟାହାର୍‌ର ଶେଷ୍ ତାରିଖ୍ ଏପ୍ରିଲ୍ ୨ କେ ରଖାଯାଇଛେ ।

ସାଧାରଣ ନିର୍ବାଚନ-ସମନ୍ୱୟ ବୈଠକ   ଆର୍‌ଏନ୍‌ୟୁ   / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନାଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଂଟ୍ କମିଟିର୍ ସମନ୍ୱୟ ବୈଠକ୍ ହେଇଯାଇଛେ । ଆଏବା ନିର୍ବାଚନ୍ ଯେନ୍ତା ଶାନ୍ତିଶୃଙ୍ଖଳାଥି ହେବା ଆଉ ନିର୍ବାଚନ୍ ଆଚରଣ୍ ବିଧିକେ କଡ଼ାକଡ଼ି ଭାବେ ପାଲନ୍ କରାଯିବା ସେ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଆଇନ୍ ଭାଙ୍ଗୁଥିବା ଲୁକ୍‌କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କର୍‌ବାର୍ ଲାଗି ଥିବା ଭିନ୍ ଭିନ୍ ବ୍ୟବସ୍ଥା, ଯାଂଚ୍ ଆଉ ଚଢ଼ଉ ଉପ୍‌ରେ ମୁଖ୍ୟଶାସନ୍ ସଚିବ ଜୋର୍ ଦେଇଥିଲେ । ବୈଠକ୍‌ଥି ପୁଲିସ୍ ପ୍ରଶାସନ୍ ତର୍‌ଫୁ ଏଛେନ୍‌ତକ୍ ରାଜ୍ୟର୍ ଆଇନ୍ ଶୃଙ୍ଖଳାର୍ ଥିତି, ଅନୁପ୍ରବେଶ୍‌କାରୀ ଆଉ ଉଗ୍ରବାଦୀ କାର୍ଯ୍ୟକଳାପ୍‌ର ମୁକାବିଲା କର୍‌ବାର୍ ଲାଗି ପୁଲିସ୍ ତର୍‌ଫୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ଲାଗି ପୁଲିସ୍

ପ୍ରଶାସନ୍, ଅବକାରୀ ବିଭାଗ୍, ଜଙ୍ଗଲ୍ ବିଭାଗ୍, ବାଣିଜ୍ୟ ଆଉ ପରିବହନ୍ ବାଗିର୍ ଭିନ୍ ଭିନ୍ ବିଭାଗ୍‌ର ମୁଖ୍ୟମାନ୍‌କର୍ ଭିତ୍‌ରେ ସମନ୍ୱୟ ରଖିକରି କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ବୈଠକ୍‌ଥି ନିର୍ଦ୍ଦେଶ୍ ଦିଆଯାଇଥିଲା । ବୈଠକ୍‌ଥି ବେଆଇନ୍ ମାଦକ୍ ଦ୍ରବ୍ୟ ଜବତ୍ ବାବ୍‌ଦେ ଅବକାରୀ ବିଭାଗ୍ ତର୍‌ଫୁ ଏଛେନ୍‌ତକ୍ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସୂଚ୍‌ନା ଦେଇଥିଲେ ।

ସେନ୍ତା ଜିଏସ୍‌ଟି କମିଶନର୍ ଦ୍ରବ୍ୟ ଆଉ ସେବକାର ଆଇନ୍ ଭାଙ୍ଗୁଥିବା ଲୁକ୍‌କର୍ ବିରୋଧ୍ ନ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ବୈଠକ୍‌ଥି ଗୃହବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ରାଜସ୍ୱ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ପଦସ୍ଥ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଦୌରାଜକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଏନ୍‌ଡିପିଏସ୍ ଆଇନ୍‌ଥି ରୁଜୁ ହେଇଥିବା ମାମ୍‌ଲାମାନ୍‌କର୍ ବିଚାର୍ ଦୌରା ଜଜ୍ ନାଇହେଲେ ଅତିରିକ୍ତ ଦୌରାଜଜ୍ କର୍‌ବେ ବଲି ଓଡ଼ିଶା ହାଇକୋର୍ଟ କହିଛନ୍ । ଇ ବାବଦ୍ ଗୁଟେ ମାମ୍‌ଲାର୍ ଶୁଣାଣି କରିକରି ଜଷ୍ଟିସ୍ ଦେବବ୍ରତ ଦାସ ଆଉ ଜଷ୍ଟିସ୍ ଭି. ନରସିଂହମ୍‌ଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଇ ରାୟ ଦେଇଛନ୍ । ହାଇକୋର୍ଟ ଆଉ ସୁପ୍ରିମ୍‌କୋର୍ଟଙ୍କର କେତେଟା ରାୟର ନଜିର୍ ଉପସ୍ଥାପନ୍ କରାଯାଇଥିବାର୍ ବେଲେ ଖଣ୍ଡପୀଠ ଇଟାକେ ଗ୍ରହଣ୍ କରିକରି ଇ ରାୟ ଶୁନେଇଛନ୍ ।

ପିଏମ୍‌ଶ୍ରୀ ସ୍କୁଲ୍ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଥିବା ସର୍‌କାରୀ ସ୍କୁଲ୍ ମାନ୍‌କେ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜ୍‌ନା ଲାଗୁ କରାଯିବା । ଇଥିର୍‌ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପ୍ରକ୍ରିୟା ମୁଲ୍ ହେଇଛେ । ଇଥିର୍‌ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସଙ୍ଗେ ବୁଝାମଣାପତ୍ର ସ୍ୱାକ୍ଷର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ଗଣଶିକ୍ଷା ବିଭାଗ୍ କମିଶନର୍ ଆଉ ସଚିବ ଅଶ୍ୱସ୍ତି ଏସ୍. ଶିକ୍ଷା ମନ୍ତ୍ରଣାଳୟକେ ଚିଠି ଲେଖିଛନ୍ । ବୁଝାମଣାପତ୍ର ସ୍ୱାକ୍ଷରିତ୍

ହେଲେ ଆଏବା ୨୦୨୪-୨୫ ଶିକ୍ଷାବଛରନୁ ସବୁ ସ୍କୁଲ୍ ମାନ୍‌କେ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜ୍‌ନା ଲାଗୁ ହେବା ।

ଲୋକପାଳର ଜୁଡ଼ିସିଆଲ୍ ମେମ୍ବର        ପି.ଆଇ.ବି.

ନୂଆଦିଲ୍ଲୀର୍ ଲୋକପାଳଙ୍କର୍ କାର୍ଯ୍ୟାଳୟ ନ ଜଷ୍ଟିସ୍ ରତୁରାଜ୍ ଅୱସ୍ତି ଲୋକପାଳର ଜୁଡ଼ିସିଆଲ୍ ମେମ୍ବର୍ ଭାବେ ଶପଥ୍ ଗ୍ରହଣ୍ କରିଛନ୍ । ସେନ୍ତା ପଙ୍କଜ୍ କୁମାର୍ ଆଉ ଅଜୟ ତିର୍କୀ ଭିଲ୍ ଲୋକପାଳର ସଭ୍ୟଭାବେ ଶପଥ୍ ଗ୍ରହଣ୍ କରିଛନ୍ । ଲୋକପାଳର ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର୍ ଶପଥ୍ ପାଠ କରେଇଥିଲେ ।

ହକି ତାଲିମ୍ ଶିବିର                        ଆର୍‌ଏନ୍‌ୟୁ /  ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ୍ ତର୍‌ଫୁ ଜିଲ୍ଲା ହକି ଷ୍ଟାଡ଼ିୟମ୍ ନ ଚାଲିଥିବା ହକି ତାଲିମ୍ ଶିବିର ଉଦ୍‌ଯାପିତ ହେଇଯାଇଛେ । ଇ ଶିବିରଥି ଜିଲ୍ଲାର୍ ୨୫ ଟା ସ୍କୁଲ୍‌ର ଶହେ ୬୭

୫ନ୍ ପିଲା ଟୁକେଲ୍ ଭାଗ୍ ନେଇଥିଲେ । ଇ ଶିବିର ଗଲା ୨୦ ତାରିଖ୍‌ନୁ ମୁଲ୍ ହେଇଥିଲା ।

ପାଣିପାଗ                                    ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଏଜେ ପାଗ୍ ଶୁଖା ରହିଥିବାର୍ ବେଲେ ଖରାର୍ ପ୍ରକୋପ୍ ବଢ଼୍‌ବାର୍‌କେ ଲାଗିଛେ । ଇତାର୍‌ସହେତେ ରାତିର୍ ତାପମାତ୍ରା ଭିଲ୍ ବଢୁଛେ । ଆଏବା ୩ ଦିନ୍ ଭିତ୍‌ରେ ତାତି ୨ନୁ ୩ ଡିଗ୍ରୀ ବଢ଼୍‌ବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ସେଆଡ଼େ ଆଏବା ୩୦ ତାରିଖ୍‌ନୁ ଆଏବା ମାସର୍ ୧ ତାରିଖ୍‌ତକ୍ କାଲ୍‌ବୈଶାଖୀ ନେଇକରି ପାଣିପାଗ୍ ବିଭାଗ୍ ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ଇ ସମିଆଥି ଘଡ଼ିଘଡ଼ି ଆଉ ବର୍ଷା ସହେତେ ଘଂଟାକ ୩୦ ନୁ ୪୦ କିଲୋମିଟର୍ ବେଗଥି ଧୁକା ହେବାର୍ ସମ୍ଭାବନା ରହିଛେ ।